بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୧୧ ଜୁଲାଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ପବିତ୍ର ମକ୍କା ସହର ଜୟ କରିବା ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବିଶ୍ୱାସ-ବର୍ଦ୍ଧକ ବର୍ଣ୍ଣନା ଏବଂ ବିଶ୍ୱରେ ଉପୁଜୁଥିବା ଉତ୍କଟ ପରିସ୍ଥିତି ଦୃଷ୍ଟିକୋଣରୁ ସଦସ୍ୟବୃନ୍ଦଙ୍କୁ ଦୁଆ କରିବାକୁ ତଥା ରାସନ ଗଚ୍ଛିତ ରଖିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଯେପରିକି ଗତ ଖୁତ୍‌ବାରେ ମୁଁ ବର୍ଣ୍ଣନା କରିଥିଲି ଯେ, ଖାନାକାବା'ର ଚାବିକାଠି ଉସମାନ୍ ବିନ୍ ତଲ୍‌ହାଙ୍କ ନିକଟରେ ରହିଥିଲା । ଯେତେବେଳେ ମୁସଲମାନମାନେ ମକ୍କା ଜୟ କରିନେଲେ ସେତେବେଳେ ହଜରତ ଅଲୀ[ର.ଅ] ସକାୟା ଅର୍ଥାତ୍ ଜମ୍‌ଜମ୍‌ର ଜଳପାନ କରିବାର ସୌଭାଗ୍ୟ ଅର୍ଜନ କରିବା ସହିତ କାବା'ର ଚାବିକାଠି ତାଙ୍କୁ ପ୍ରଦାନ କରିବାକୁ ନିବେଦନ କଲେ । କିନ୍ତୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କାବା'ରୁ ବାହାରିବା ମାତ୍ରେ ଉସମାନ୍ ବିନ୍ ତଲ୍‌ହାଙ୍କୁ ଡ଼କାଇଲେ ଏବଂ ତାଙ୍କୁ କାବା'ର ଚାବିକାଠି ଫେରସ୍ତ କରି କହିଲେ; ଅଲ୍ ୟୌମୁ ୟୌମୁଲ୍ ବିର୍‌ରିନ୍ ୱ ୱଫାଇ ଅର୍ଥାତ୍ ଆଜି ପୁଣ୍ୟ ଓ ବଚନ ପୂରଣ କରିବାର ଦିନ । ସେତେବେଳକୁ ଉସମାନ୍ ବିନ୍ ତଲ୍‌ହା ମୁସଲମାନ ହୋଇଯାଇଥିଲେ । ଏକଥା ମହାଭାଗ କାହିଁକି କହିଲେ ତାହାର ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ମହାଭାଗ ଦେଶାନ୍ତର ଗମନ କରିବା ପୂର୍ବରୁ ଏକଦା ଉସମାନ୍ ବିନ୍ ତଲ୍‌ହାଙ୍କୁ ଖାନାକାବା'ର ଚାବି ମାଗିଥିଲେ । କିନ୍ତୁ ପ୍ରତିଉତ୍ତରରେ ସେ ହୁଜୁର [ସ.ଅ]ଙ୍କୁ ଅତି ଅଭଦ୍ର ଭାଷା କହି ଗାଳିଗୁଲଜ କରିଥିଲେ । ସେତେବେଳେ ମହାଭାଗ ଅତି ସୁନ୍ଦର ଭାବରେ ଧୈର୍ଯ୍ୟ ରକ୍ଷା କରି ତାଙ୍କୁ କହିଥିଲେ; ହେ ଉସମାନ୍ ! ମନେରଖ ଏହି ଚାବି ଦିନେ ନା ଦିନେ ମୋ ହାତକୁ ଆସିବ ଏବଂ ମୁଁ ସ୍ୱଇଚ୍ଛାରେ ଯାହାକୁ ଚାହିଁବି ତାହାକୁ ପ୍ରଦାନ କରିବି । ଏଥିରେ ଉସମାନ୍ ଉତ୍ତର ଦେଇଥିଲେ, ଯଦି ଏପରି ଦିନ ଆସେ ତେବେ ତାହା କୁରୈଶ୍‌ଙ୍କ ନିମନ୍ତେ ଧ୍ୱଂସ ଓ ଅପଦସ୍ତ ହେବାର ଦିନ ହେବ । କିନ୍ତୁ ହୁଜୁର[ସ.ଅ] କହିଲେ; **ନା ଏମିତି ଘଟିବ ନାହିଁ, ବରଂ ସେତେବେଳେ କୁରୈଶ୍‌ର ବସତି, ପ୍ରତିଷ୍ଠା ଓ ସମ୍ମାନରେ ଅଭିବୃଦ୍ଧି ଘଟିବ ।** ସେତେବେଳେ ମହାଭାଗ [ସ.ଅ]ଙ୍କ ଉପରେ ଯେପରି ଅତ୍ୟାଚାର କରାଯାଇଥିଲା ତାହା ଆପଣଙ୍କୁ ସ୍ମରଣ ଥିଲା ତଥାପି ଦୟା ଓ କ୍ଷମାର ପ୍ରତିମୂର୍ତ୍ତି ସେହି ଅତ୍ୟାଚାରୀମାନଙ୍କ ଉପରେ ନମ୍ର ଆଚରଣ କରିଥିଲେ । ବସ୍ତୁତଃ ପୁଣ୍ୟଶ୍ଳୋକ ଉସମାନ୍ ବିନ୍ ତଲ୍‌ହାଙ୍କୁ କହିଲେ; ଏହି ଚାବି ସଦାସର୍ବଦା ପାଇଁ ରଖିନିଅ । ଆଉ ଏହାକୁ ତୁମ ଠାରୁ କେବଳ ଅତ୍ୟାଚାରୀ ହିଁ ଜୋର ଜବରଦସ୍ତି ଛଡ଼େଇ ନେବ । ଏବେ ଏହା ତୁମ ବଂଶଜ ନିକଟରେ ରହିବ । ସୁତରାଂ ଆଜି ପର୍ଯ୍ୟନ୍ତ କାବା'ର ଚାବିକାଠି ଏହି ବଂଶର ପିଢି ଦରପିଢି ନିକଟରେ ରହିଆସୁଛି ।

ବର୍ଣ୍ଣନାରେ ଉଲ୍ଲେଖ ରହିଛି ମକ୍କା ବିଜୟର ଦ୍ୱିତୀୟ ଦିନ ବନୁ ଖଜାଃ ବନୁ ବଦିଲ୍‌ର ଜଣେ ଅମାନ୍ୟକାରୀ ବ୍ୟକ୍ତିକୁ ହତ୍ୟା କରିଦେଲା । ହୁଜୁର[ସ.ଅ] ଜୁହର ନମାଜ ପରେ ଯେତେବେଳେ ଖୁତ୍‌ବା ଦେବାକୁ ଛିଡ଼ା ହେଲେ ଓ ସର୍ବପ୍ରଥମେ ମହାଭାଗ ଅଲ୍ଲାଃଙ୍କ ମହିମା ଗାନ କଲେ ଏବଂ କହିଲେ; ହେ ଲୋକମାନେ ! ଅଲ୍ଲାଃତାଲା ସେହିଦିନ ମକ୍କାକୁ ହରମ୍ (ଅର୍ଥାତ୍ ପବିତ୍ର ଓ ଗୌରବାନ୍ୱିତ) କଲେ ଯେଉଁଦିନ ସେ ଆକାଶ ଓ ପୃଥିବୀକୁ ସୃଷ୍ଟି କଲେ । ଆଉ

ଯେଉଁଦିନ ସେ ସୂର୍ଯ୍ୟ ଓ ଚନ୍ଦ୍ରକୁ ମଧ୍ୟ ଗଢ଼ିଲେ ଏବଂ ଏହି ଦୁଇ ପର୍ବତ ଅର୍ଥାତ୍ ସଫା ଓ ମର୍‌ୱାକୁ ସ୍ଥାପିତ କଲେ । ଦେଖ ଏହାକୁ ଲୋକମାନେ ହରମ୍ କରି ନାହାନ୍ତି ବରଂ ଅଲ୍ଲାଃତାଲା କରିଛନ୍ତି ଏବଂ ଏହା ପ୍ରଳୟ ଦିବସ ପର୍ଯ୍ୟନ୍ତ ହରମ୍ ହୋଇ ରହିବ । ସୁତରାଂ ଯେଉଁବ୍ୟକ୍ତି ଅଲ୍ଲାଃ ଓ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖିଥାଏ ତାହା ପାଇଁ ବୈଧ ନୁହେଁ ଯେ, ସେ ଏଠାରେ ରକ୍ତପାତ କରିବ ଓ ଏଠାରେ ଥିବା ବୃକ୍ଷଲତା କାଟିବ । ଏହା ନା ମୋ ପୂର୍ବରୁ କାହାରି ପାଇଁ ବୈଧ ହୋଇଥିଲା, ଆଉ ନା ମୋ ଅନ୍ତେ କାହାରି ପାଇଁ ବୈଧ ହେବ । ହଁ, ମୋ ସକାଶେ ଘଡ଼ିକ ପାଇଁ ବୈଧ ହୋଇଥିଲା, ପୁନଶ୍ଚ ତାହା ନିଜ ପୂର୍ବାବସ୍ଥାକୁ ଫେରି ଆସିଲା (ଅର୍ଥାତ୍ ହରମ୍) ଯେପରି ଗତକାଲି ଥିଲା । ଏହି ଖବର ଏଠାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ଅନୁପସ୍ଥିତ ବ୍ୟକ୍ତି ନିକଟରେ ପହଞ୍ଚାଇ ଦେଉ । ଆଉ ଯିଏ ତୁମକୁ କୁହେ ଯେ, ଏହି ପବିତ୍ର ସ୍ଥାନରେ ତ ମହାଭାଗ ମଧ୍ୟ ଯୁଦ୍ଧ କରିଥିଲେ ତେବେ ତାହାକୁ କୁହ ଯେ ତୁମ ପାଳନକର୍ତ୍ତା ତାହା ନିଜ ପ୍ରିୟ ରସୁଲଙ୍କ ନିମନ୍ତେ ବୈଧ କରିଥିଲେ । କିନ୍ତୁ ତାହା ତୁମମାନଙ୍କ ସକାଶେ ବୈଧ ନୁହେଁ । ହେ ଲୋକମାନେ ! ଲୋକମାନଙ୍କ ମଧ୍ୟରୁ ସେହି ବ୍ୟକ୍ତି ଅଲ୍ଲାଃଙ୍କ ବିରୁଦ୍ଧରେ ଉଦଣ୍ଡ ପ୍ରଦର୍ଶନକାରୀ ଯିଏକି ପବିତ୍ର ମକ୍କା ସହରରେ ଲଢେଇ କରେ ଅଥବା ନିଜ ହତ୍ୟାକାରୀ ବ୍ୟତୀତ ଅନ୍ୟ କାହାରିକୁ ହତ୍ୟା କରେ ଅଥବା ଅନ୍ଧକାର ଯୁଗରେ ହୋଇଥିବା ରକ୍ତପାତର ପ୍ରତିଶୋଧ ନେଇ ରକ୍ତପାତ କରେ । ହେ ବନୁ ଖଜାଃ ! ରକ୍ତପାତ କରିବାରୁ ନିବୃତ୍ତ ରୁହ, ତୁମେମାନେ ଜଣେ ବ୍ୟକ୍ତିର ହତ୍ୟା କରିଛ । ମୁଁ ତାହାର ଜୋରିମନା ପୈଠ କରିଦେବି । ଆଉ ଯେ ମୋ ଜମାନତ୍ ଦେବା ପରେ କାହାରିକୁ ହତ୍ୟା କରେ ତେବେ ନିହତ ବ୍ୟକ୍ତିର ପରିବାରବର୍ଗଙ୍କୁ ଏହି ଅଧିକାର ପ୍ରାପ୍ତ ହେବ ଯେ, ଯଦି ସେ ଚାହିଁବେ ଜୋରିମନା ଗ୍ରହଣ କରିନେବେ ଏବଂ ଇଚ୍ଛା କଲେ ହତ୍ୟାକରୀକୁ ବଧ କରିପାରିବେ । ସେଥିଅନ୍ତେ ମହାଭାଗ ସେହି ବ୍ୟକ୍ତିକୁ ଏକଶତ ଓଟ ଜୋରିମନା ପ୍ରଦାନ କଲେ ।

ସେହିଦିନ ମଧ୍ୟରେ ଏକଦା ଫୁଜାଲା ବିନ୍ ଉମେର୍ ହୁଜୁର [ସ.ଅ]ଙ୍କୁ ହତ୍ୟା କରିବାର ମନ୍ଦ ଯୋଜନା ପ୍ରସ୍ତୁତ କରିଥିଲା । ସେ କୁହନ୍ତି; ଯେତେବେଳେ ହୁଜୁର[ସ.ଅ] ଖାନାକାବା'ର ପରିକ୍ରମଣ କରୁଥିଲେ ସେତେବେଳେ ମୁଁ ମଧ୍ୟ ସେହି ଲୋକାରଣ୍ୟ ମଝିରେ ଏକ ଅସ୍ତ୍ର ଧରି ମହାଭାଗ [ସ.ଅ]ଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ନଉଜୁବିଲ୍ଲାଃ ଆପଣ [ସ.ଅ]ଙ୍କ ପଛ ଧରିଲି । ଯେମିତି ମୁଁ ପୁଣ୍ୟଶ୍ଳୋକ [ସ.ଅ]ଙ୍କ ନିକଟତର ହେଲି ମହାଭାଗ ମୋତେ ଦେଖି କହିଲେ; କ'ଣ ତୁମେ ଫୁଜାଃ ? ସେ ଉତ୍ତର ଦେଲା ଆଜ୍ଞା ହଁ, ହୁଜୁର ପୁନଶ୍ଚ ପଚାରିଲେ; ନିଜ ଅନ୍ତରରେ କି (ମନ୍ଦ) ଚିନ୍ତା କରୁଛ ? ସେ ମିଥ୍ୟା କହିଲା ଯେ, ମୁଁ ପ୍ରଭୁଙ୍କ ମହିମା ଗାନ କରୁଅଛି । ଏଥିରେ ପୁଣ୍ୟଶ୍ଳୋକ ସ୍ମିତହାସ୍ୟ ପ୍ରକଟ କରି କହିଲେ; ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ଭିକ୍ଷା କର, କାରଣ ତୁମେ ଯାହା କହୁଅଛ ତାହା କରୁ ନାହଁ । ହୁଜୁର[ସ.ଅ] ତାହା ନିକଟକୁ ଗଲେ ଏବଂ ତାହା ଛାତିରେ ନିଜ ପବିତ୍ର ହସ୍ତ ରଖିଦେଲେ । ଫୁଜାଃ ବର୍ଣ୍ଣନା କରନ୍ତି, ଅଲ୍ଲାଃତାଲାଙ୍କ ରାଣ ! **ମହାଭାଗ ମୋ ଛାତି ଉପରୁ ହସ୍ତ ଉଠାଇ ନଥିଲେ ଯେ, ସମଗ୍ର ଜଗତରେ ମୋତେ ଆପଣ [ସ.ଅ]ଙ୍କ ଠାରୁ ଅଧିକ ପ୍ରିୟ ଅନ୍ୟ କେହି ମନେ ହେଲେ ନାହିଁ ।** ସେ ନିଜ ପରିବାରବର୍ଗଙ୍କ ନିକଟକୁ ଫେରି ଆସିଲେ ଓ ତାଙ୍କର କାୟା ପାଲଟିଗଲା । ସେହି ଅବଧିରେ ହଜରତ ଅବୁବକର୍ [ର.ଅ]ଙ୍କ ପିତା ଇସଲାମ ଧର୍ମ ଗ୍ରହଣ କରିଥିବାର ମଧ୍ୟ ବର୍ଣ୍ଣନା ମିଳୁଅଛି ।

ଆଉ ଏକ ଘଟଣା ଅର୍ଥାତ୍ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ହଜରତ ଉମ୍ମେ ହାନୀ [ର.ଅ]ଙ୍କ ବାସ ଭବନରେ ଭୋଜନ କରିବାର ମଧ୍ୟ ଚର୍ଚ୍ଚା ମିଳୁଅଛି । ହଜରତ ଇବ୍‌ନେ ଅବ୍‌ବାସ ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] ମକ୍କା ବିଜୟ ଦିନ ଉମ୍ମେ ହାନୀ [ର.ଅ]ଙ୍କୁ ପଚାରିଲେ କ'ଣ ତୁମ ନିକଟରେ କିଛି ଖାଦ୍ୟ ପଦାର୍ଥ ଅଛି, ଯାହାକି ମୁଁ ଖାଇ ପାରିବି ? ସେ ଉତ୍ତର ଦେଲେ ମୋ ନିକଟରେ ଶୁଷ୍କ ରୁଟି ବ୍ୟତୀତ ଅନ୍ୟ କିଛି ନାହିଁ ଏବଂ ମୋତେ ଲାଜ ଲାଗୁଛି ଯେ, ମୁଁ ତାହାକୁ ନବୀଶ୍ରେଷ୍ଠ [ସ.ଅ]ଙ୍କ ନିମନ୍ତେ ବାଢ଼ିଦେବି । ହୁଜୁର[ସ.ଅ] ନିର୍ଦ୍ଦେଶ ଦେଲେ ତାହା ହିଁ ନେଇ ଆସ, ମହାଭାଗ ତାହାକୁ ପାଣିରେ ଭିଜାଇଲେ ଇତି ମଧ୍ୟରେ ସେ ଲୁଣ ଆଣି ରଖିଲେ । ମହାଭାଗ ପଚାରିଲେ କ'ଣ ତୁମ ନିକଟରେ (ବ୍ୟଞ୍ଜନର) ଝୋଳ ଅଛି ? ସେ ଉତ୍ତର ଦେଲେ, ହୁଜୁର ଘରେ ସିର୍‌କା ବ୍ୟତୀତ ଅନ୍ୟ କିଛି ନାହିଁ । ମହାଭାଗ ପୁନଶ୍ଚ କହିଲେ; ତାହା ହିଁ ନେଇଆସ । ମହାଭାଗ ତାହାକୁ ରୁଟିରେ ଢ଼ାଳି ଦେଲେ ଏବଂ ତହିଁରୁ ସେବନ କଲେ ଓ ଅଲ୍ଲାଃତାଲାଙ୍କର କୃତଜ୍ଞତା

ଜ୍ଞାପନ କଲେ । ତା'ପରେ ପୁଣ୍ୟଶ୍ଳୋକ କହିଲେ; ସିର୍କା କି ଉତ୍କୃଷ୍ଟ ବ୍ୟଞ୍ଜନ । ହେ ଉମ୍ମେ ହାନୀ ! ଯେଉଁ ଘରେ ସିର୍କା ଅଛି, ସେ ଗରିବ ନୁହେଁ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ହେଉଛି କୃତଜ୍ଞତା ଜ୍ଞାପନ କରିବାର ସୁନ୍ଦର ନମୁନା ଏବଂ ଏପରି ହୁଜୁର[ସ.ଅ] ଉମ୍ମେ ହାନୀ [ର.ଅ]ଙ୍କର ପ୍ରଶଂସା କରି ତାଙ୍କୁ ମଧ୍ୟ ଖୁସି କଲେ । **ମକ୍କା ଜୟ କରିବା ପରେ ପୁଣ୍ୟଶ୍ଳୋକ ସେହି ଅମାନ୍ୟକାରୀଙ୍କ ଘରୁ ଯାହା ଇଚ୍ଛା ହାସଲ କରିପାରିଥାନ୍ତେ କିନ୍ତୁ ମହାଭାଗ ସେହି ଶୁଷ୍କ ରୁଟି ସେବନ କରି ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କରିଥିଲେ ।**

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ମକ୍କା ସହରରେ ପହଞ୍ଚିବା ଓ ଖାନାକାବାକୁ ବିଶେଷ ଭାବରେ ଅନୁରାଗର ସହିତ ଅବଲୋକନ କରିବା ଦ୍ୱାରା ଅନସାର୍ ସାହାବିମାନଙ୍କ ମନରେ ଏହି ଆଶଙ୍କା ଜାତ ହେଲା ଯେ, ହୁଜୁର[ସ.ଅ] ଏହି ସ୍ଥଳେ (ସର୍ବଦା ପାଇଁ) ରହି ନଯାନ୍ତୁ । ହଜରତ ଅବୁ ହୁରେରାଃ[ର.ଅ] ବର୍ଣ୍ଣନା କରନ୍ତି, ଯେତେବେଳେ ଅନସାର୍‌ମାନଙ୍କର ଏପରି ଅବସ୍ଥାରେ ହଜରତ ମୁହମ୍ମଦ [ସ.ଅ]ଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଲା । ତତ୍‌ପଶ୍ଚାତ ହୁଜୁର[ସ.ଅ] କହିଲେ; ହେ ଅନସାର୍ ! ତୁମେମାନେ ଏହା ଚିନ୍ତା କରୁଛ ଯେ, ଏହି ବ୍ୟକ୍ତି ଉପରେ ନିଜ ମାତୃଭୂମିର ପ୍ରେମ ବସା ବାନ୍ଧିଅଛି । ସେମାନେ ଉତ୍ତର ଦେଲେ ଆଜ୍ଞା, ହଁ । ହୁଜୁର[ସ.ଅ] ପୁନଶ୍ଚ କହିଲେ; ଯଦି ଏପରି ଘଟେ ତେବେ ମୋର ନାମ କ'ଣ ହେବ ? ଦେଖ ମୁଁ ମୁହମ୍ମଦ, ଅଲ୍ଲାଃଙ୍କ ଭକ୍ତ ଓ ତାହାଙ୍କ ଅବତାର । ମୁଁ ଅଲ୍ଲାଃଙ୍କ ସକାଶେ ତୁମ ଦେଶକୁ ପ୍ରବାସ କରିଥିଲି, ଏବେ ମୋର ବଞ୍ଚିବା ଓ ମୃତ୍ୟୁବରଣ କରିବା ତୁମମାନଙ୍କ ସହିତ ସଂଶ୍ଲିଷ୍ଟ । ଏଥିରେ ସେମାନେ ଅତ୍ୟନ୍ତ ଭାବବିହ୍ୱୋଳ ହୋଇ ନିରନ୍ତର ରୋଦନ କରିଚାଲିଲେ ଏବଂ ମହାଭାଗ [ସ.ଅ]ଙ୍କ ଆଡ଼କୁ ଅଗ୍ରସର ହୋଇ କହିଲେ; ଅଲ୍ଲାଃଙ୍କ ରାଣ ! ଆମେମାନେ ଯାହା ମଧ୍ୟ କହିଥିଲୁ ତାହା ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ସହିତ ନିବିଡ ପ୍ରେମାନୁରାଗ ଓ ବିରହ ବିଚ୍ଛେଦ ଭୟ ଯୋଗୁଁ କହି ଦେଇଥିଲୁ । ଏଥିରେ ହୁଜୁର[ସ.ଅ] କହିଲେ; **ନିଶ୍ଚିତ ରୂପେ ଅଲ୍ଲାଃ ଓ ତାହାଙ୍କ ରସୁଲ ତୁମର ଏହି କଥାର ସମର୍ଥନ କରୁଛନ୍ତି ଓ ତୁମର ନିବେଦନ ଗ୍ରହଣ କରିନେଇଛନ୍ତି ।**

ଯେତେବେଳେ ନମାଜ ଜୋହର ସମୟ ହେଲା ନବୀଶ୍ରେଷ୍ଠ[ସ.ଅ] ହଜରତ ବିଲାଲ୍ [ର.ଅ]ଙ୍କୁ ଆଦେଶ ଦେଲେ ଖାନାକାବା'ଛାତ ଉପରେ ଚଢ଼ି ଅଜାନ ଦିଅ । ବର୍ଣ୍ଣନାରେ ଉଲ୍ଲେଖ ରହିଛି ସେଦିନ ମହାଭାଗ ଦିନ ତମାମର ନମାଜ ଗୋଟିଏ ଓ୍ୱଜୁ କରି ପାଠ କରିଥିଲେ । ଏଥିରେ ହଜରତ ଉମର୍[ର.ଅ] କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆଜି ଆପଣ ତାହା କରିଛନ୍ତି ଯାହାକି ସାଧାରଣତଃ ଆପଣ କରି ନଥା'ନ୍ତି । ହୁଜୁର[ସ.ଅ] କହିଲେ; ହେ ଉମର ! ମୁଁ ଏପରି ଜାଣି କରି କରିଛି । ଧାର୍ମିକ ବିଦ୍ୱାନମାନେ ଏହାର ତାତ୍ପର୍ଯ୍ୟ ବାହାର କରିଛନ୍ତି ଯେ, ଆବଶ୍ୟକ ସ୍ଥଳେ ଏପରି କରିବାର ହୁଜୁର[ସ.ଅ] ସହଜତା ରହିଥିବାର ନମୁନା ପ୍ରଦର୍ଶନ କରିଛନ୍ତି । ଇତ୍ୟାବସରରେ ହୁଜୁର[ସ.ଅ] ସାର୍ବଜନିକ ବୈଅତ୍ ମଧ୍ୟ ଗ୍ରହଣ କରିଥିଲେ । ହୁଜୁର[ସ.ଅ] ଲୋକମାନଙ୍କ ଠାରୁ ଏହି ସାକ୍ଷ୍ୟ ନେଇଥିଲେ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ଏବଂ ମୁହମ୍ମଦ[ସ.ଅ] ତାଙ୍କର ଭକ୍ତ ଓ ଅବତାର ଅଟନ୍ତି । ହୁଜୁର[ସ.ଅ] ପୁରୁଷମାନଙ୍କ ଠାରୁ ବୈଅତ୍ ଗ୍ରହଣ କରିବା ପରେ ମହିଳାମାନଙ୍କ ଠାରୁ ମଧ୍ୟ ବୈଅତ୍ ଗ୍ରହଣ କରିଥିଲେ । **ସେମାନଙ୍କ ମଧ୍ୟରେ ଅବୁ ସୁଫିୟାନର ପତ୍ନୀ ହିନ୍ଦା ମଧ୍ୟ ସାମିଲ ଥିଲା ।**

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ସେହି ଅପରାଧୀ ଯାହାଙ୍କୁ ବଧ କରିବାର ଆଦେଶ ଦିଆଯାଇଥିଲା, ସେମାନଙ୍କ ସମ୍ବନ୍ଧରେ ଉଲ୍ଲେଖ ରହିଛି, ତାହାର ବିସ୍ତୃତ ବ୍ୟାଖ୍ୟା କରୁଅଛି । ଏଥି ସଂକ୍ରାନ୍ତରେ କେତେକ ସୁରକ୍ଷା ମୂଳକ ପଦକ୍ଷେପ ରହିଛି ଏବଂ ଘଟଣାବଳୀ ମଧ୍ୟ ଏହା ଦର୍ଶାଉଛି ଯେହେତୁ ସେମାନଙ୍କୁ ବଧ କରିବାର ଦଣ୍ଡାଦେଶ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି । ଏହା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ନମ୍ର ଆଚରଣ ଓ ସ୍ୱଭାବ ବିପରୀତ ନିର୍ଦ୍ଦେଶ ଥିଲା । ଏହି ପରିପ୍ରେକ୍ଷୀରେ ହଜରତ ମୁସଲେହ୍ ମଉଦ[ର.ଅ] ନିଜ ରାଏ ଉଲ୍ଲେଖ କରିଛନ୍ତି ଯେ, ସେମାନେ ୧୧ଜଣ ପୁରୁଷ ଓ ୪ଜଣ ମହିଳା ଥିଲେ, ଯେଉଁମାନେ ଇସଲାମ ବିରୁଦ୍ଧରେ ଅନ୍ୟାୟ, ଅତ୍ୟାଚାର, ବିଶୃଙ୍ଖଳା ଓ ହତ୍ୟା ପରି ବିଭର୍ଷ କାଣ୍ଡ ଭିଆଇ ଥିବା ସିଦ୍ଧ ହୋଇଥିଲା । ସେମାନେ ଜଘନ୍ୟ ଅପରାଧୀ ଥିଲେ । ଅତଃ ହୁଜୁର[ସ.ଅ] ସେମାନଙ୍କୁ ଏପରି ଦଣ୍ଡାଦେଶ ଦେଇଥିବାର ଉଲ୍ଲେଖ ମିଳେ । କାରଣ ସେମାନେ କେବଳ ଅମାନ୍ୟକାରୀ ଓ ମୁସଲମାନମାନଙ୍କ

ବିରୁଦ୍ଧରେ ଯୁଦ୍ଧ କରି ନଥିଲେ, ବରଂ ସେମାନେ ଯୁଦ୍ଧ କରିବାର ଦୋଷୀ ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସପକ୍ଷରେ ମୁସଲମାନମାନଙ୍କ ଶୁପାରିସକ୍ରମେ ହୁଜୁର[ସ.ଅ] ତାଙ୍କୁ କ୍ଷମା କରି ଦେଇଥିଲେ ।

ଏହି ପରିପ୍ରେକ୍ଷୀରେ ବ୍ୟାଖ୍ୟାତ୍ମକ ବର୍ଣ୍ଣନା ଓ ଏହାର ଖଣ୍ଡନ କରିବା ପରେ ପ୍ରିୟ ହୁଜୁର ଅନଓ୍ଵର[ଅ.ବ] କହିଲେ; ଏଥିରେ ସନ୍ଦେହ ନାହିଁ ଯେ, କୁରୈଶର କେତେକ ସରଦାର ଯେଉଁମାନେ ଇସଲାମ୍‌ର ବିରୁଦ୍ଧାଚରଣରେ ସର୍ବାଗ୍ରେ ରହିଥିଲେ, ସେମାନେ ମହାଭାଗ [ସ.ଅ]ଙ୍କ ଆଗମନର ସମ୍ବାଦ ଶୁଣି ମକ୍କାରୁ ପଳାୟନ କରିଥିଲେ । କିନ୍ତୁ ଏହା କେବଳ ଇବ୍‌ନେ ଇସହାକ୍‌ଙ୍କର ଧାରଣା ଥିଲା ଯେ, ସେମାନେ ଏହି କାରଣରୁ ପଳାୟନ କରିଥିଲେ କି ତାଙ୍କୁ ହତ୍ୟା କରିବାର ଆଦେଶ ଦିଆଯାଇଛି । ବସ୍ତୁତଃ ମକ୍କା ବିଜୟ ସମୟରେ ମାତ୍ର କିଛି ଲୋକଙ୍କୁ ବଧ କରିବାର ନିଷ୍ପତ୍ତି ଦିଆଯାଇଥିଲା ଏବଂ ସେମାନେ ସେହି ବ୍ୟକ୍ତି ଥିଲେ ଯେଉଁମାନଙ୍କ ସଂକ୍ରାନ୍ତରେ ଚଳିତ ଯୁଗର ନ୍ୟାୟାଧୀଶ ଅବତାର ହଜରତ ମସିହ ମଉଦ[ଅ.ସ] କହିଲେ; କେବଳ ସେହି ଲୋକମାନଙ୍କ ପକ୍ଷରେ ଦଣ୍ଡାଦେଶ ଜାରି କରାଯାଇଥିଲା, ଯାହାଙ୍କୁ ଦଣ୍ଡିତ କରିବା ସକାଶେ ପରାକ୍ରମୀ ଅଲ୍ଲାଃଙ୍କ ନିକଟରୁ ଆଦେଶ ମିଳିଥିଲା । ସେମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶତ୍ରୁମାନଙ୍କ ଅପରାଧ କ୍ଷମା କରିଦିଆ ଯାଇଥିଲା । ଏହା ହେଉଛି ପ୍ରକୃତ ଘଟଣାର ସତ୍ୟାସତ୍ୟ । ତେଣୁକରି ଏହା କହିବା ଯେ, ଏତେ ସଂଖ୍ୟକ ଲୋକଙ୍କୁ (ନିର୍ମମ ଭାବରେ) ହତ୍ୟା କରାଯାଇଥିଲା, ଅବତାରଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥିଲା, ଏସବୁ ଭୁଲ ଓ ଅସତ୍ୟ କଥା । ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା ହେବ ।

ମହାମାନ୍ୟ ହୁଜୁର ଅନଓ୍ଵର[ଅ.ବ] କହିଲେ; ବିଶ୍ୱର ଉକ୍ଟ ପରିସ୍ଥିତି ସଂକ୍ରାନ୍ତରେ ତ ଆପଣମାନେ ସମସ୍ତେ ଅବଗତ । ତେଣୁ ଦୁଆ କରୁଥାନ୍ତୁ, ଏଥିପାଇଁ ମୁଁ ପୂର୍ବରୁ ମଧ୍ୟ କହି ଆସୁଛି । ଯେଉଁମାନେ ସାମର୍ଥ୍ୟବାନ ସେମାନଙ୍କୁ କିଛି ମାସର ରାସନ ନିଜ ଘରେ ଗଚ୍ଛିତ ରଖିବା ଉଚିତ୍ । ଏବେ ତ ଅନେକ ପ୍ରଶାସନ ମଧ୍ୟ ନିଜ ଜନତାଙ୍କୁ ଏକଥା କହିବାକୁ ଲାଗିଲେଣି ଯେ, ତିନି ମାସର ରାସନ ଗଚ୍ଛିତ ରଖନ୍ତୁ । ଅଲ୍ଲାଃତାଲା ସଂସାରବାସୀଙ୍କ ଉପରେ ଦୟା କରନ୍ତୁ ଏବଂ ଯୁଦ୍ଧର ଭୟଙ୍କର ପରିସ୍ଥିତିରୁ ରକ୍ଷା କରନ୍ତୁ । ପରିଶେଷରେ ମହାମହିମ ହୁଜୁର ଅନଓ୍ଵର[ଅ.ବ] ଶ୍ରୀମତୀ ଅମତୁଲ୍ ନସିର୍ ନଗହତ୍ ସାହେବା ପତ୍ନୀ ଶ୍ରୀମାନ ରାଜା ଅବ୍ଦୁଲ୍ ମାଲିକ ସାହେବ ଯିଏକି ହଜରତ ମିର୍ଜା ଶରିଫ୍ ଅହେମଦ ସାହେବ [ର.ଅ]ଙ୍କର ନାତୁଣୀ (ପୁତ୍ରଙ୍କ କନ୍ୟା) ଓ ହଜରତ ନଓ୍ଵାବ ଅମତୁଲ୍ ହଫିଜ୍ ବେଗମ୍ ସାହେବା [ର.ଅ]ଙ୍କର ନାତୁଣୀ (କନ୍ୟାଙ୍କ ସୁକନ୍ୟା) ତଥା କର୍ଣ୍ଣଲ୍ ମିର୍ଜା ଦାଉଦ୍ ଅହେମଦ ସାହେବଙ୍କର ସୁପୁତ୍ରୀ ଥିଲେ । ଶ୍ରୀମାନ ଅଲ୍‌ହାଜ ୟାକୁବ୍ ଅହେମଦ ପିତା ଶ୍ରୀମାନ ଅବୁବକର୍ ସାହେବ ଅହେମଦିୟା ସିନିୟର୍ ସ୍କୁଲ୍‌ର ପୂର୍ବତନ ପ୍ରଧାନ ଶିକ୍ଷକ ଏବଂ ଘାନାର ଜାତୀୟ ସେକ୍ରେଟାରୀ ତବଲିଗ୍‌ଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ତଥା ସେମାଙ୍କର ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ଵ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ଵନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ଵରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ଵଲ୍ ଇହ୍‌ସାନି ଓ୍ଵଇତାଇଜିଲ କୁର୍‌ବା ଓ୍ଵୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ଵଲ୍ ମୁନ୍‌କରି ଓ୍ଵଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** *** ***

Khulasa Khutba Juma Huzoor Anwar a.b.a

11th July 2025

*Translated to Odia by :* Moulavi Anwar Ahmad Khan